# ବିଜ୍ଞାପିତ ଅଞ୍ଚଳ ପରିଷଦ,କେସିଙ୍ଗା

ପତ୍ର ସଂଖ୍ୟା ୨୯୬ ତା ୦୨.୦୩.୨୦୨୬

## ବିଜ୍ଞାପନ

ସରକାରଙ୍କ ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା (SUDA), ଭୁବନେଶ୍ୱରଙ୍କ ପତ୍ର ସଂଖ୍ୟା-୫୦୧୪/(SUDA) ତା.୨୮.୦୯.୨୦୨୧ ରିଖ ଏବଂ ଜନସ୍ୱାସ୍ଥ୍ୟ ବିଭାଗ,ଭବାନିପାଟଣାଙ୍କ ପତ୍ର ସଂଖ୍ୟା-୨୯୧୯ ତା.୨୩.୦୯.୨୦୨୫ ଅନୁଯାୟୀ କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିନସ୍ଥ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ସ୍ୱୟଂ ସହାୟକ ଗୋଷ୍ଠୀର କୌଣସି ସଭ୍ୟା ନିମ୍ନଲିଖିତ ଯୋଗ୍ୟତା ଅନୁଯାୟୀ ଜନସ୍ୱାସ୍ଥ୍ୟ ବିଭାଗ, କେସିଙ୍ଗ ର ଜଳ କର ଆଦାୟ ନିମନ୍ତେ ଜଳସାଥୀ ପଦବୀ ପାଇଁ ଆବେଦନ କରିପାରିବେ । ଇଚ୍ଛୁକ ସ୍ୱୟଂ ସହାୟକ ଗୋଷ୍ଠୀ ନିର୍ଦ୍ଧାରିତ ଫର୍ମ ଏବଂ ଆବଶ୍ୟକ ପ୍ରମାଣପତ୍ର ସହ ପରିଷଦ କାର୍ଯ୍ୟାଳୟରେ ଆବେଦନ କରିପାରିବେ । ଉକ୍ତ ଦରଖାସ୍ତଟି ତା.୧୨.୦୩.୨୦୨୬ ରିଖ ଅପରାହ୍ନ ୦୫.୦୦ ଘଟିକା ସୁଦ୍ଧା ବିଜ୍ଞାପିତ ଅଞ୍ଚଳ ପରିଷ, କେସିଙ୍ଗା କାର୍ଯ୍ୟାଳୟର ଉଦ୍ଦିଷ୍ଟ ବାକ୍ସରେ ପକାଇ ପାରିବେ । କୌଣସି ଦରଖାସ୍ତ ସିଧାସଳଖ ହାତରେ ଗ୍ରହଣ କରାଯିବ ନାହିଁ । ଧାର୍ଯ୍ୟ ଦିବସ ଓ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ନିର୍ଦ୍ଧାରିତ ଫର୍ମ ଟି ବିଜ୍ଞାପିତ ଅଞ୍ଚଳ ପରିଷଦ, କେସିଙ୍ଗା କାର୍ଯ୍ୟାଳୟରେ ପ୍ରାପ୍ତ କରିପାରିବେ ।

ଜଳସାଥୀ ଚୟନ ନିମନ୍ତେ ଯୋଗ୍ୟତା-

୧.ଆବେଦନକାରୀ ଙ୍କ ବୟସ ୧୮ ବର୍ଷରୁ ୪୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।
୨.ଆବେଦନକାରୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ହୋଇଥିବେ ।
୩.ଆବେଦନକାରୀ ନ୍ୟୁନତମ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ ।
୪.ଆବେଦନକାରୀ 2 ବର୍ଷ ଧରି ସ୍ୱୟଂ ସହାୟକ ଗୋଷ୍ଠୀ ର ସକ୍ରିୟ ସଦସ୍ୟା ହୋଇଥିବେ ।
୫.ଆବେଦନକାରୀ ଙ୍କ ନାମରେ ବ୍ୟାଙ୍କ ଖାତା ଓ ଏ.ଟି.ଏମ୍ କାର୍ଡ ଥିବା ଆବଶ୍ୟକ ।
୬.ଆବେଦନକାରୀ ଙ୍କ ନାମରେ ବ୍ୟକ୍ତିଗତ ସ୍ମାର୍ଟଫୋନ ଥିବା ଆବଶ୍ୟକ ।
୭.ଆବେଦନକାରୀ କୌଣସି ସରକାରୀ ଯୋଜନାରେ କାର୍ଯ୍ୟ କରୁ ନ ଥିବେ ।
୮.ଆବେଦନକାରୀ ଙ୍କ ନାମରେ କୌଣସି ଅପରାଧିକ ମାମଲା ବା ରାଜନୈତିକ କାର୍ଯ୍ୟରେ ସମ୍ପୃକ୍ତ ନ ଥିବେ ।

2/3/26

ନିର୍ବାହୀ ଅଧିକାରୀ,
ବିଜ୍ଞାପିତ ଅଞ୍ଚଳ ପରିଷଦ, କେସିଙ୍ଗା

ପରିପତ୍ର ସଂଖ୍ୟା ୨୯୭ ତା ୦୨.୦୩.୨୦୨୬

ଏହାର ଏକକିତା ନକଲ ପରିଷଦ କାର୍ଯ୍ୟାଳୟ ର ବିଜ୍ଞାପନ ଫଳକରେ/https://www.nac-kesinga.in/DeGM,କଳାହାଣ୍ଡି ଙ୍କୁ ପୋର୍ଟାଲ ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା /ନିର୍ବାହୀ ଯନ୍ତ୍ରି ଜନସ୍ୱାସ୍ଥ୍ୟ ବିଭାଗ,ଭବାନିପାଟଣା/ କନିଷ୍ଠ ଯନ୍ତ୍ରୀ , ଜନସ୍ୱାସ୍ଥ୍ୟ ବିଭାଗ(PHD),କେସିଙ୍ଗା /ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ, କେସିଙ୍ଗା (CDPO) ଙ୍କୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଫଳକରେ ପ୍ରକାଶନ ପାଇଁ ଅନୁରୋଧ କରାଗଲା ।

2/3/26

ନିର୍ବାହୀ ଅଧିକାରୀ,
ବିଜ୍ଞାପିତ ଅଞ୍ଚଳ ପରିଷଦ, କେସିଙ୍ଗା

ସର୍ତ୍ତାବଳୀ:

ଏତଦ୍ଵାରା ଆପଣ ମାନଙ୍କୁ ଜଣାଇ ଦିଆଯାଉଛି ଯେ ଜଳସାଥୀ ପଦବୀଟି ସମ୍ପୂର୍ଣ ଭାବରେ ଚୁକ୍ତି ଭିତ୍ତିକ । ଜନ ସ୍ୱାସ୍ଥ୍ୟ ବିଭାଗ,କେସିଙ୍ଗା ଦ୍ୱାରା ପ୍ରତ୍ୟକ ପରିବାରକୁ ଯୋଗାଇଥିବା ପାନୀୟଜଳ ବାବଦକୁ ସରକାରଙ୍କ ଦ୍ଵାରା ଧାର୍ଯ୍ୟ କରାଯାଇଥିବା ରାଶିକୁ ଆଦାୟ କରିବା, ମାସିକ ଜଳ ପରୀକ୍ଷା ଏବଂ ନୂତନ ପାନୀୟଜଳ ସଂଯୋଗ ନିମନ୍ତେ ୧୨ଟି ୱାର୍ଡ ରେ ସର୍ବ ମୋଟ ଚାରିଗୋଟି (୦୪) ଜଳସାଥୀ ବିଜ୍ଞାପିତ ଅଞ୍ଚଳ ପରିଷଦ,କେସିଙ୍ଗା ପାଇଁ ଆବଶ୍ୟକତା ଥିବା ଦୃଷ୍ଟିରୁ ଏବଂ ସରକାର ଙ୍କ ଜନସ୍ୱାସ୍ଥ୍ୟ ବିଭାଗ ଙ୍କ ନିର୍ଦ୍ଦେଶ ପତ୍ର ସଂଖ୍ୟା -୩୬୬ ତା.୧୧.୦୧.୨୦୨୧ ଏବଂ ଜନସ୍ୱାସ୍ଥ୍ୟ ବିଭାଗ,ଭବାନିପାଟଣାଙ୍କ ପତ୍ର ସଂଖ୍ୟା-୨୯୧୯ ତା.୨୩.୦୯.୨୦୨୫ ଅନୁଯାଇ ଜଳସାଥୀ ଚୟନ କରିବା ସକାଶେ ନିଷ୍ପତି ନିଆଯାଇଛି । ପୂର୍ବରୁ ୨ ଜଣ ଜଳସାଥୀ କାର୍ଯ୍ୟରତ ଅଛନ୍ତି ଏବଂ ବର୍ତ୍ତମାନ ୨ଟି ନୂତନ ଜଳସାଥୀ ଚୟନ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି । ଏହି " ଜଳସାଥୀ" ଚୟନ ହେଲା ପରେ ସଂପୂର୍ଣ୍ଣ ରୂପେ ଜନସ୍ୱାସ୍ଥ୍ୟ ବିଭାଗ,କେସିଙ୍ଗା ଦ୍ୱାରା ପରିଚାଳିତ ହେବେ ଏବଂ ତାଙ୍କ ନିର୍ଦ୍ଦେଶ, ନୀତି ଓ ନିୟମ ଅନୁସାରେ କାର୍ଯ୍ୟ କରିବେ । ଏହି ପଦବୀ ନିମନ୍ତେ ବିଜ୍ଞାପନ ରେ ଦିଆଯାଇଥିବା ଯୋଗ୍ୟତା ସହିତ MPOS Machine ପାଇବା ପାଇଁ ଏହାର Security Deposit ବାବଦକୁ ଟ.୧୦,୦୦୦/- ( ଦଶ ହଜାର ଟଙ୍କା – ଫେରସ୍ତ ଯୋଗ୍ୟ ) ଜନ ସ୍ୱାସ୍ଥ୍ୟ ବିଭାଗରେ ଥିବା ଅଧିକାରୀଙ୍କ ନାମ ରେ ଜମା କରିବାକୁ ହେବ । ଚୟନ ପ୍ରକ୍ରିୟା ସଂପୂର୍ଣ୍ଣ ହେବା ପରେ ଜନ ସ୍ୱାସ୍ଥ୍ୟ ବିଭାଗ,କେସିଙ୍ଗା ସହିତ ଚୁକ୍ତି କରିବା ସଙ୍ଗେ ସଙ୍ଗେ ତାଲିମ ପ୍ରଦାନ ଏବଂ ଆବଶ୍ୟକ ଉପକରଣ ଯୋଗାଇ ଦିଆଯିବ ।

ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ପ୍ରୋସାହନ ରାଶି :

୧. ୧ଟି ଘରୋଇ ନୂତନ ଜଳ ସଂଯୋଗ ବାବଦ କୁ ଜଳସାଥୀଙ୍କୁ ଟ.୧୦୦/- ପ୍ରଦାନ କରାଯିବା ନିମନ୍ତେ ସ୍ଥିର କରାଯାଇଛି ।

୨. ପ୍ରତ୍ୟେକ ମାସରେ ଜଳସାଥୀଙ୍କ ଦ୍ୱାରା ଆଦାୟ କରାଯାଇଥିବା ମୋଟ ରାଶି ର ୫% ଜଳସାଥୀ ମାନଙ୍କୁ ପ୍ରଦାନ କରାଯିବା ସରକାର ଧାର୍ଯ୍ୟ କରିଛନ୍ତି ଯାହା ଜନ ସ୍ୱାସ୍ଥ୍ୟ ବିଭାଗ ପ୍ରଦାନ କରିବେ ।

୩. ପ୍ରତ୍ୟେକ ମାସରେ ଜଣେ ଜଳସାଥୀ ଅତି କମରେ ୨୦ ଟି ଜଳ ର ମାନ ଓ ଗୁଣ ପରୀକ୍ଷା କରିବେ ଏବଂ ଗୋଟିଏ ପରୀକ୍ଷା ବାବଦ କୁ ଟ.୨୦/- ହିସାବରେ ପ୍ରଦାନ କରାଯିବ ।

୪. ବିଜ୍ଞାପିତ ଅଞ୍ଚଳ ପରିଷଦ,କେସିଙ୍ଗା ଦ୍ୱାରା ମନୋନୀତ ହୋଇଥିବା ଜଳସାଥୀ ମାନଙ୍କୁ ପ୍ରଥମ ତିନିମାସ (୩) ଟ.୩୦୦୦/- (ପ୍ରତ୍ୟେକ ଜଳସାଥୀଙ୍କୁ ) ଜନସ୍ୱାସ୍ଥ୍ୟ ବିଭାଗ,କେସିଙ୍ଗା ଦ୍ୱାରା ପ୍ରଦାନ କରାଯିବ ।

(କ) ପ୍ରତ୍ୟେକ ମାସରେ ଅତିକମରେ ଜଳଯୋଗାଣ ହୋଇଥିବା ୨୦୦ ଗୋଟି ପରିବାରକୁ ପରିଦର୍ଶନ କରିବା ଆବଶ୍ୟକ

(ଖ) ଗୋଟିଏ ଜଳସାଥିଙ୍କ ଦ୍ୱାରା ପ୍ରତ୍ୟକ ଦିନ ଗୋଟିଏ ପରୀକ୍ଷଣ (ଜଳର ମାତ୍ରା ବା ମାନ ଓ ଗୁଣ ପରୀକ୍ଷା ) ହେବା ଆବଶ୍ୟକ ।

୫. ଏହା ବ୍ୟତୀତ ପ୍ରଥମ ତିନିମାସ ମଧ୍ୟରେ ଜଳସାଥୀ ମାନଙ୍କ ଦ୍ୱାରା ପରିବାରକୁ ନୂତନ ଜଳ ସଂଯୋଗ, ମାସିକ ଜଳକର ଆଦାୟ, ଜଳ ପରୀକ୍ଷଣ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବିଷୟରେ ସଚେତନ କରାଇବା ବାବଦକୁ ମାସକୁ ଟ.୧୦୦୦/- ଜନସ୍ୱାସ୍ଥ୍ୟ ବିଭାଗ/WATCO ଦ୍ୱାରା ପ୍ରଦାନ କରାଯିବ ।

# ବିଜ୍ଞାପିତ ଅଞ୍ଚଳ ପରିଷଦ,କେସିଙ୍ଗା

## ଜଳସାଥୀ ପଦବୀ ନିମନ୍ତେ ଆବେଦନପତ୍ର

ସଙ୍କଳ୍ପନାମା :- ମୁଁ କୁମାରୀ /ଶ୍ରୀମତୀ ______________________________

ପିତା / ସ୍ୱାମୀ ଙ୍କ ନାମ ______________________________

| | | |
|---|---|---|
| ୧ | ସଭ୍ୟା ଙ୍କ ନାମ | |
| ୨ | ସଭ୍ୟା ବାସ କରୁଥିବା ଅଂଚଳର ସମ୍ପୂର୍ଣ୍ଣ ଠିକଣା | |
| ୩ | ସଭ୍ୟାଙ୍କର ବୟସ | |
| ୪ | ୱାର୍ଡ ନମ୍ବର | |
| ୫ | ସ୍ୱୟଂ ସହାୟକ ଗୋଷ୍ଠୀର ନାମ | |
| ୬ | ଆବେଦନକାରୀ ମହିଳା ସ୍ୱୟ ସହାୟକ ଗୋଷ୍ଠୀରେ କେବେ ଠାରୁ ସଦସ୍ୟା ଅଛନ୍ତି ? | |
| ୭ | ସଭ୍ୟାଙ୍କର ଶିକ୍ଷାଗତ ଯୋଗ୍ୟତା | |
| ୮ | ସଭ୍ୟାଙ୍କର ମୋବାଇଲ ନମ୍ବର | |

ଏତଦ୍ଦ୍ୱାରା ମୁଁ ______________________________ ଘୋଷଣା କରୁଅଛି କି, ମୋର ନିଜର ସ୍ମାର୍ଟ ଫୋନ ଅଛି ଏବଂ ମୁଁ ଯଦି ମନୋନୀତ ହୁଏ, ତେବେ MPOS Machine ପାଇବା ପାଇଁ ଏହାର ଯୋଗ୍ୟ ମୂଲ୍ୟ ଟ.୧୦,୦୦୦.୦୦ (ଦଶ ହଜାର) ଟଙ୍କା ଫେରସ୍ତ ଯୋଗ୍ୟ ସୁରକ୍ଷିତ ଜମା ରାଶି ହିସାବରେ ଜମା କରିବା ପାଇଁ ଇଚ୍ଛୁକ ଅଛି । ମୁଁ ବର୍ତ୍ତମାନ କୌଣସି ଅପରାଧିକ ମାମଲା ବା ରାଜନୀତିକ କାର୍ଯ୍ୟରେ ସମ୍ପୃକ୍ତ ନାହିଁ । ଯଦି ଭବିଷ୍ୟତରେ କୌଣସି ପ୍ରମାଣ ମିଳେ ତେବେ ମୋ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ ।

ତାରିଖ

ଆବେଦନକାରୀ ସଭ୍ୟା ଙ୍କ ସ୍ୱାକ୍ଷର

ସଂଲଗ୍ନ କରାଯାଇଥିବା ଆବଶ୍ୟକୀୟ ଦସ୍ତାବିଜ୍ -

| | | |
|---|---|---|
| ୧ | ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ (ଉଭୟ ସାର୍ଟିଫିକେଟ ଓ ମାର୍କସିଟ୍ ) ନକଲ | |
| ୨ | ଜନ୍ମ ତାରିଖର ପ୍ରମାଣ ପତ୍ର ର ନକଲ (ଆଧାର କାର୍ଡ) | |
| ୩ | ସ୍ୱୟଂ ସହାୟକ ଗୋଷ୍ଠୀରେ କେବେ ସାମିଲ ହେଲେ ତାହାର ପ୍ରମାଣ (ଅଧିବେଶନ ର ନକଲ) | |
| ୪ | ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ସଭ୍ୟା ଙ୍କୁ ମନୋନୀତ କରାଯାଇଥିବା ଅଧିବେଶନ ବିବରଣୀ ର ନକଲ | |
| ୫ | ବ୍ୟକ୍ତିଗତ ବ୍ୟାଙ୍କ ଖାତାର ନକଲ | |
| ୬ | ପାସ୍‌ପୋର୍ଟ ଫଟୋ - ୧ ଟି | |

ସଭାନେତ୍ରୀ ଙ୍କ ଦସ୍ତଖତ ଓ ମୋହର

ସମ୍ପାଦିକା ଙ୍କ ଦସ୍ତଖତ ଓ ମୋହର